## ସଂକ୍ଷେପରେ

### ପ୍ରତିଭା ଅନ୍ୱେଷଣ: ଜିଲାସ୍ତରକୁ ଗଲେ ୨୩ ପ୍ରତିଯୋଗୀ

ବାହାନଗା, ୨୯।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ବାହାନଗା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଶେଷ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକର ୧୭କ୍ଲଷ୍ଟରରୁ ୩୨୬ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୦ରୁ ଅଧିକ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେଇଥିବା ସିନିୟର ଓ ଜୁନିୟର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୩ଜଣ ଜିଲାସ୍ତରକୁ ମନୋନୀତ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ପର୍ଶୁରାମ ଧଡା ଯୋଗଦେଇଥିଲେ। ଉଦ୍‌ଘାଟନୀ ସଭାରେ ବ୍ଲକ ଶିକ୍ଷାଧିକାରିଣୀ ଶୁଭଲକ୍ଷ୍ମୀ ନାୟକ ସଭାପତିତ୍ୱ କରିଥିଲେ।

### ୧୭ କ୍ଲଷ୍ଟର ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା

ଖଇରା,୨୯।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକସ୍ତରୀୟ ସୁରଭି ସ୍ଥାନୀୟ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୭ଟି କ୍ଲଷ୍ଟରରୁ ବିଜୟୀ ହୋଇ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୁନିୟର ଓ ସିନିୟର ସ୍ତରରେ ସଙ୍ଗୀତ, ନୃତ୍ୟ, ହସ୍ତକଳା, ବକ୍ତୃତା,ଗଳ୍ପଲିଖନ, ଚିତ୍ରାଙ୍କନ, ବୁଦ୍ଧିପରୀକ୍ଷା ଭଳି ପ୍ରତିଯୋଗିତା ହୋଇଥିଲା । ଏଥିରେ ପ୍ରତିପ୍ରଭା ସାମଲ, ସୌମ୍ୟାଶ୍ରୀ ସ୍ୱାଇଁ, ବିଭୁକାନ୍ତ ସେନାପତି, ବିନ୍ଦୁସାଗର ପାତ୍ର, ଲିପ୍ସିତା ମୁଦୁଲି, ପ୍ରିୟଙ୍କା ହାଂସଦା, ଜ୍ୟୋତିପ୍ରକାଶ ବେହେରା, ମହେଶ୍ୱର ମହାରଣା, ମୋନାଲିସା ବେହେରା,ରୋହନ ଗୁପ୍ତା, କଳ୍ପତରୁ ସାହୁ, ଅନିତା ନାୟକ, ଜ୍ୟୋତିର୍ମୟ ପରିଡା, ରଶ୍ମିରେଖା କୁଣ୍ଡୁ, ପ୍ରିୟଙ୍କା ଦାସ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଖଇରା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ସାହୁ, ଅନୁଶିକ୍ଷାଧିକାରୀ ସୁଦର୍ଶନ ରାଉତ,ଗୋଲକ ବିହାରୀ ପାଢ଼ୀ,ଶ୍ରୀଧର ବେହେରା,ଖଇରା ସରପଞ୍ଚ ସୁଦର୍ଶନ ସେଠୀ, ସମିତି ସଭ୍ୟା ନମିତା ବେହେରା,ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ ।

### କ୍ଷୀରଚୋରାରେ ଗିରି ଗୋବର୍ଦ୍ଧନ ପୂଜା

ରେମୁଣା, ୨୯।୧୦(ଡି.ଏନ.ଏ.)- ରେମୁଣାସ୍ଥିତ କ୍ଷୀରଚୋରା ଗୋପୀନାଥଙ୍କ ମନ୍ଦିରରେ ଗିରି ଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଭଗବାନ ଶ୍ରୀକୃଷ୍ଣଙ୍କ ଗୋପଲୀଳା ସମୟରେ ଗୋପବାସୀଙ୍କୁ ଇନ୍ଦ୍ରଙ୍କ କୋପରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଗୋବର୍ଦ୍ଧନ ପର୍ବତକୁ କାଣି ଆଙ୍ଗୁଳିରେ ଉଠାଇ ଧରିବା ଦିବସର ସ୍ମୃତି ଉଦ୍ଦେଶ୍ୟରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ଏହି ଅବସରରେ ଅନ୍ନ ଏବଂ ଗୋବର ପର୍ବତାକୃତି କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

■ ୧.୨୮ କୋଟିର ଗଡ଼ପଦା ପାନୀୟଜଳ ପ୍ରକଳ୍ପ

# ଅବଧି ସରିଲା, ନିର୍ମାଣ ସରୁନି

(ବାଞ୍ଛାନିଧି ଦେ)
ରୂପ୍‌ସା, ୨୯।୧୦

ପାନୀୟଜଳ ସମସ୍ୟାର ସମାଧାନ ପାଇଁ ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। ହେଲେ ବିଭିନ୍ନ ସ୍ଥାନରେ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାମ ସରୁ ନ ଥିବାରୁ ସରକାରଙ୍କ ଏହି ଯୋଜନା ଦିଗହରା ହୋଇପଡ଼ିଛି। ବାଲେଶ୍ୱର ଜିଲା ବସ୍ତା ବ୍ଲକ ଗଡ଼ପଦା ଗ୍ରାମାଞ୍ଚଳରେ ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପ ଏହାର ଉଦାହରଣ ।

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ତରଫରୁ ଗଡ଼ପଦା ପଞ୍ଚାୟତରେ ଏକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଠିକାଦାର ପ୍ରବୀର ପ୍ରଧାନଙ୍କ ନାମରେ ବିଭାଗ ପକ୍ଷରୁ ଟେଣ୍ଡର ହୋଇଥିଲା । ୨୦୧୮ ସେପ୍ଟେମ୍ବର ୧ତାରିଖରୁ ୨୦୧୯ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଏହାର ନିର୍ମାଣ ଅବଧି ଥିଲା । ହେଲେ ୧୦ମାସ ଅବଧି ମଧ୍ୟରେ ନିର୍ମାଣ ଅଧାପନ୍ତରିଆ ଯୋଗୁ ଅସନ୍ତୋଷ ବଢ଼ି ଚାଲିଛି। ଆଉ ଅଧିକ ୪ମାସ ବିତିଯାଇଥିଲେ ବି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ କୌଣସି ତତ୍ପରତା ନ ଥିବା ସାଧାରଣରେ ଆଲୋଚନା ହେଉଛି। ଅପରପକ୍ଷରେ ଜଳଯୋଗାଣ ଓ ପରିମଳ ବିଭାଗ ଚୁପ୍ ହୋଇ ବସିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହି

ଜଳ ଯୋଗାଣ ଓ ପରିମଳ ବିଭାଗ ଚୁପ୍


ନିର୍ମାଣାଧୀନ ପାଣି ଟାଙ୍କି ।

ପ୍ରକଳ୍ପର ବ୍ୟୟ ଅଟକଳ ମୂଲ୍ୟ ରହିଛି ୧କୋଟି ୨୮ଲକ୍ଷ ୭୯ହଜାର ଟଙ୍କା। ଓଡ଼ିଆ ଶାସନ ଏବଂ ଗଡ଼ପଦାରେ ଗୋଟିଏ ଲେଖାଏ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ନିର୍ମାଣାଧୀନ ରହିଛି। ପଞ୍ଚାୟତ ଅନ୍ତର୍ଗତ ଗଡ଼ପଦା, ଓଡ଼ିଆଶାସନ ୱାର୍ଡ଼ ସହ ଆଂଶିକ ବାଖରାବାଦ ୱାର୍ଡ଼ରେ ମୋଟ ୧୯୪୦ ଜଣ ହିତାଧିକାରୀଙ୍କୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯାଇଛି। କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ସମସ୍ତଙ୍କ ଘରକୁ ପାଣି ପାଇପ୍ ସଂଯୋଗ କରାଯାଇ ପାନୀୟଜଳ ଯୋଗାଣ ବ୍ୟବସ୍ଥା ହେବ। ଏଥିପାଇଁ ମୋଟ୍ ୧୧କି.ମି. ୬ଶହ ମିଟର ପରିବ୍ୟାପ୍ତ ପାଇପ୍ ମାଟିତଳେ ବିଛାଣ ହେବା କଥା। ଏଯାବତ୍ ମାତ୍ର ୩କି.ମି. ମଧ୍ୟରେ ପାଣି ପାଇପ୍ ବିଛାଯାଇଥିବା ଯୋଗୁ ଉତ୍ତେଜନା ଦେଖାଦେଇଛି। ତୁରନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଦିଗରେ ବିଭାଗୀୟ ପଦକ୍ଷେପ ଗ୍ରହଣ କରା ନ ଗଲେ ପଞ୍ଚାୟତବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ସରପଞ୍ଚ କାଳୀଚରଣ ଯେନା କହିଛନ୍ତି, ପ୍ରକଳ୍ପ ନିର୍ମାଣ ଶେଷ କରିବାକୁ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଠିକାଦାର ଓ ବିଭାଗ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଜନସାଧାରଣ ସରକାରୀ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଆରଡବ୍ଲ୍ୟୁଏସ୍ଏସ୍ ଜେଇ ଚିତ୍ତରଞ୍ଜନ ପାତ୍ରଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପାଣି ଟାଙ୍କି ନିର୍ମାଣ ଚାଲିଛି। ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ତାର ଟଣାଯାଇଛି। ଟ୍ରାନ୍ସଫର୍ମର ବସିବାର ବ୍ୟବସ୍ଥା ହେଉଛି। ଅବଶିଷ୍ଟ ପାଇପ୍ ଲାଇନ୍ ବିଛାଯାଇ ଘରକୁ ଘର ସଂଯୋଗ ଦିଆଯିବ। ୨ଟି ଯାକ ସ୍ଥାନରେ ବୋରିଂ ସରିଛି। ମାତ୍ର ନିର୍ମାଣ କାର୍ଯ୍ୟ ବିଳମ୍ବ ନେଇ ସମ୍ପୃକ୍ତ ଠିକାଦାରଙ୍କୁ ୪ଥର କାରଣ ଦର୍ଶାଅ ନୋଟିସ୍ ବିଭାଗ ପକ୍ଷରୁ ଜାରି ହୋଇଛି।

■ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଦିବସ

# ପ୍ରଦର୍ଶିତ ହେଲା କଳା କୌଶଳ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ବାଲେଶ୍ୱର ଅଫିସ,୨୯।୧୦

ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ମହାବାତ୍ୟାର ସ୍ମାରକୀ ଭାବେ ଜିଲାସ୍ତରୀୟ ରାଜ୍ୟ ବିପର୍ଯ୍ୟୟ ଦିବସ ତଥା ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ଥାନୀୟ ପବ୍ଲିକ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ରାଲି ସହର ପରିକ୍ରମା ପୂର୍ବକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଜିଲାପାଳ ଚକ୍ରବର୍ତ୍ତୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କତା ଅବଲମ୍ବନ ସହ କ୍ଷୟକ୍ଷତିକୁ କିପରି କମାଇ ହେବ ସେ ଦିଗରେ ଯତ୍ନବାନ ହୋଇ ମିଳିତ ଉଦ୍ୟମର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଏବଂ ଅଗ୍ନିଶମ ବିଭାଗର ମିଳିତ ସହଯୋଗରେ ଆୟୋଜିତ ପ୍ରଦର୍ଶନୀକୁ ଛାତ୍ରୀଛାତ୍ରମାନେ ଦେଖିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତଥା ବିପର୍ଯ୍ୟୟ ବେଳେ ନିଜକୁ ସୁରକ୍ଷିତ ରଖିବା ଏବଂ ଅନ୍ୟକୁ ଉଦ୍ଧାର କରାଯିବାର ବିଭିନ୍ନ କୌଶଳ ସହ ବିପର୍ଯ୍ୟୟ ପରିଚାଳନାରେ ବ୍ୟବହୃତ ଉପକରଣଗୁଡ଼ିକୁ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଜିଲାପାଳ ଚକ୍ରବର୍ତ୍ତୀଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପକରଣଗୁଡ଼ିକର ବ୍ୟବହାର ଓ ବିପର୍ଯ୍ୟୟ ବେଳେ ଆତ୍ମରକ୍ଷା ତଥା ଅନ୍ୟକୁ ସୁରକ୍ଷା ଦେବାର କଳାକୌଶଳ ପ୍ରଦର୍ଶନକୁ ଅନୁଧ୍ୟାନ କରିଥିଲେ। ମହାବାତ୍ୟାର ସ୍ମୃତି ସମ୍ବଳିତ ବିଷୟକୁ ନେଇ ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବାଲେଶ୍ୱର ଉପଜିଲାପାଳ ନୀଲୁ ମହାପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲା ଜରୁରୀକାଳୀନ ବିଭାଗ ଅଧିକାରୀ ଅଭୟ କୁମାର ନାୟକ, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଓ ଜିଲା ଜରୁରୀକାଳୀନ ବିଭାଗ ପ୍ରକଳ୍ପ ସଂଯୋଜକ ଅବନୀକାନ୍ତ ଭୂୟାଁ ପ୍ରମୁଖ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ଅଧାରୁ ଅଟକିଲା ଜନଶୁଣାଣି

ବାଲେଶ୍ୱର ଅଫିସ, ୨୯।୧୦- ବାଲେଶ୍ୱର ସଦର ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଏମ୍‌ଜିଏନଆରଇଜିଏସ୍ ଓ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅଧାରୁ ବନ୍ଦ ହୋଇଯାଇଛି। ଉପଜିଲାପାଳ ନୀଲୁ ମହାପାତ୍ର, ବିଡ଼ିଓ ଶଙ୍କର୍ଷଣ ବେହେରା, ବ୍ଲକ ଚେୟାରମ୍ୟାନ୍ ନାରାୟଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ସମସ୍ତ ଜିଲାପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟଙ୍କୁ ନିୟମ ଅନୁସାରେ ଲିଖିତ ଜଣାଇବା ବିଧି ଥିବାବେଳେ ଏହାର ଉଲ୍ଲଂଘନ ହୋଇଥିବା ନେଇ ସଦର ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଦାସ, ଗୁଡ୍ ପଞ୍ଚାୟତର ସରପଞ୍ଚ ଲମ୍ବୋଧର ପ୍ରଧାନ ଓ ସମିତିସଭ୍ୟ ଭୋଳାନାଥ ପାତ୍ର, ବୁଆଁଳ ସରପଞ୍ଚ ଶ୍ରୀକାନ୍ତ ମହାପାତ୍ର ଓ ସମିତିସଭ୍ୟ ରବିନାରାୟଣ ମହାପାତ୍ର, ନଗ୍ରାମ ସରପଞ୍ଚ ସର୍ବେଶ୍ୱର ମହାନ୍ତି, ବଇଁଚା ସରପଞ୍ଚ ଅମ୍ବିକା ବେହେରା ପ୍ରମୁଖ ପ୍ରତିବାଦ କରିଥିଲେ। ଏହାକୁ ନେଇ ବୈଠକରେ ହୋହଲ୍ଲା ହୋଇଥିଲା। ଅଧିକାରୀମାନେ ଅଭିଯୋଗକୁ ସ୍ୱୀକାର କରି ବୈଠକରେ କ୍ଷମାପ୍ରାର୍ଥନା କରିଥିଲେ। ଅଭିଯୋଗକାରୀମାନେ ବୈଠକକୁ ସ୍ଥଗିତ କରାଯାଇ ଅନ୍ୟ ଏକ ଦିନ ସ୍ଥିର କରିବା ପାଇଁ ଦାବି କରିଥିଲେ। ଏପରି ଭାବେ କିଛି ସମୟ କଟିବା ପରେ ବୈଠକ ଅଧାରୁ ବହୁ ସମିତିସଭ୍ୟ, ସରପଞ୍ଚ ଏବଂ ସଦସ୍ୟାସଦସ୍ୟମାନେ ପଳାଇ ଯାଇଥିଲେ। ଏନେଇ ଉପଜିଲାପାଳ ନୀଲୁ ମହାପାତ୍ର କହିଛନ୍ତି, ଉକ୍ତ ବୈଠକ ପାଇଁ ଶେଷ ତାରିଖ ଅକ୍ଟୋବର ମାସରେ ହୋଇଥିବାରୁ କୌଣସି କାରଣରୁ ଏହାକୁ ସ୍ଥଗିତ କରାଯାଇପାରିବ ନାହିଁ। ଅନ୍ୟ ଏକ ଦିନ ସ୍ଥିର କରିବା ସମ୍ଭବ ନୁହେଁ। ପରବର୍ତ୍ତୀ ସମୟରେ ଏପରି ତ୍ରୁଟିକୁ ସୁଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଦୁର୍ନୀତିର ମୂଳୋତ୍ପାଟନ ଲାଗି ସଚେତନତା ଜରୁରୀ



ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି।

ଖଇରା, ୨୯।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହରେ ମଙ୍ଗଳବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି । ଖଇରା ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ, ଇନ୍ସପେକ୍ଟର ଅନିରୁଦ୍ଧ ନାୟକ, ଭାଗ୍ୟଲକ୍ଷ୍ମୀ ନାୟକ ଓ ସବ୍‌ଇନ୍ସପେକ୍ଟର ଜସ୍ମିତା ପୋଇ ପ୍ରମୁଖ ଯୋଗଦେଇ ଦୁର୍ନୀତିର ଶିକାର ହେଉଥିବା ସାଧାରଣ ଲୋକ ଯେକୌଣସି ବିଷୟରେ ଭିଜିଲାନ୍ସର ସହାୟତା ନେଇପାରିବେ ବୋଲି କହିଥିଲେ। ବିଡ଼ିଓ ମହେଶ ଚୌଧୁରୀ, ଜିଲା ପରିଷଦ ସଭ୍ୟା କଳ୍ପନା ନାଇକି, ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ, ବ୍ଲକ କାର୍ଯ୍ୟକ୍ରମ ପରିଚାଳନା ଅଧିକାରିଣୀ ସ୍ୱପ୍ନା ଦାସ ପ୍ରମୁଖ ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଦୁର୍ନୀତିର ମୂଳୋତ୍ପାଟନ କରିବାକୁ ହେଲେ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଜରୁରୀ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉପାଧ୍ୟକ୍ଷ ରାଉତ ପ୍ରଥମେ ନିଜ ଅଞ୍ଚଳକୁ ଦୁର୍ନୀତିମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଶାନ୍ତ ସ, ଗ୍ରାମରୋଜଗାର ସେବକ ଜଗବନ୍ଧୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ୨୩ ମଣ୍ଡପରେ ମା'ଙ୍କୁ ଆରାଧନା

ବାହାନଗା, ୨୯।୧୦(ଡି.ଏନ.ଏ.)

ବାହାନଗା ବ୍ଲକର ୨୩ଟି ସ୍ଥାନରେ ମା' କାଳୀଙ୍କ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହେଉଛି । ପୂଜା ପାଇଁ ଗୋପାଳପୁର ବଜାର ଦୁଲୁକୁଛି। ବିଭିନ୍ନ ଯାତ୍ରା ପାର୍ଟି ନାଟକ ପରିବେଷଣ କରୁଛନ୍ତି। ପୂଜାମଣ୍ଡପକୁ ଆକର୍ଷଣୀୟ ତୋରଣରେ ସଜ୍ଜିତ କରାଯାଇଛି। ଗୋପାଳପୁର ମା' କାଳୀ ବ୍ୟବସାୟୀ ସଂଘ ତରଫରୁ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ବଜାରରେ ପୂଜା ହୋଇଆସୁଛି । ଦୀର୍ଘ ୭ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ ହେବ ବୋଲି ଜଣାପଡିଛି। ସେହିପରି ଜୁଣିଆଁ ବଜାରରେ ମଧ୍ୟ ମା'ଙ୍କ ପୂଜା ଅନୁଷ୍ଠିତ ହେବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ତାଳକୁରୁଣିଆ ବଜାର, ଝାଡତା ଛକ, ଅଞ୍ଜି ବଜାର, କୁରୁଡା ଛକ, ବିଷ୍ଣୁପୁର ବଜାର, ଅଭଣା ବଜାର, ରମଧା ଛକ, ଆରୁହାବାଡ ଛକ, ଖେରଙ୍ଗ ବଜାର, ମୁଳାଡିଅ ଛକ, ନୂଆପୁର ଛକ, ଷଠୀ ଛକ, ବାହାନଗା ବଜାର, ବାହାନଗା ପୁରୁଣା ବଜାର, ପଣପଣା ବଜାର, ଖନ୍ତାପଡା ବଜାର, ବେଗୁନିଆ ଛକ,ସାଉଡୁ ବଜାର, ଥାଲସଡା ଛକ , ଚକଜଗନ୍ନାଥପୁର ଛକ, କସପାଜୟପୁର ଛକ୍ ପ୍ରମୁଖ ସ୍ଥାନରେ ମା' ଜଗତ ଜନନୀଙ୍କ ପୂଜା ଅନୁଷ୍ଠିତ ହେଉଛି । ଖନ୍ତାପଡା ପୂଜା ମଣ୍ଡପ ସମେତ ଖନ୍ତାପଡାସ୍ଥିତ ସୁଠଙ୍ଗର ୧୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ମା' ଦାଣ୍ଡକାଳୀଙ୍କଠାରେ ପୂଜା ଧୁମ୍ ଧାମ୍‌ରେ ପାଳିତ ହେଉଛି। ସେଠାରେ ଅଖଣ୍ଡ ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା।


ଗୋପାଳପୁର ବଜାରରେ ପୂଜାପାଉଥିବା ମା'।

# ମଦମୁକ୍ତ ଅଞ୍ଚଳ ଦାବିରେ ମହିଳାଙ୍କ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ।

ରେମୁଣା, ୨୯।୧୦(ଡି.ଏନ.ଏ.)

ରେମୁଣା ଥାନା ଅଧୀନ କଲ୍ୟାଣପୁର ପଞ୍ଚାୟତରେ ଦେଶୀମଦ କାରବାର ଦିନକୁଦିନ ବୃଦ୍ଧି ପାଉଛି। ଘରର ପୁରୁଷମାନେ ମଦ୍ୟପାନ କରି ନାନା ବିଶୃଙ୍ଖଳା ଘଟାଉଥିବାରୁ ଏଥିରେ ଅତିଷ୍ଠ ହୋଇ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପଞ୍ଚାୟତକୁ ସମ୍ପୂର୍ଣ୍ଣ ମଦ ମୁକ୍ତ କରିବା ଦାବିରେ ପୋଲିସର ସହାୟତା ଲୋଡ଼ି ମଙ୍ଗଳବାର ଶହ ଶହ ସଂଖ୍ୟାରେ ମହିଳା ଓ ଯୁବତୀ ପଞ୍ଚାୟତ ପରିକ୍ରମା କରିଛନ୍ତି। ସେମାନେ ପଦଯାତ୍ରା କରି ମଦ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଆନ୍ଦୋଳନ ଡାକରା ଦେଇଛନ୍ତି। ଏହି ପଦଯାତ୍ରାରେ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ସାଧାରଣ ଗୃହିଣୀ ଅଂଶଗ୍ରହଣ କରିଥିଲେ। ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ପ୍ରତି ସରକାର କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ। ଏଥିରେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମିତିସଭ୍ୟ ଅଶୋକ ରାଉତ, ଯୁବନେତା ବଣୁଆ ସାହୁ, ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘ ସଭାନେତ୍ରୀ ବାସନ୍ତୀ ପାକଳ ପ୍ରମୁଖ ନେତୃତ୍ୱ ନେଇଥିଲେ। ଗାଙ୍ଗପୁରାଠାରୁ ପଦଯାତ୍ରା ଆରମ୍ଭ ହୋଇ ଶ୍ରୀରାମପୁର, ଗୁଣ୍ଡୁଦା, ତାଳମେଢ଼ୀ, ପାଳସିଆ, କଲ୍ୟାଣପୁର, ଆଳଦା, ମାକନ୍ଦା ଗାଁ ପରିକ୍ରମା କରି ହଳଦିଆଠାରେ ଶେଷ ହୋଇଥିଲା। ଏଥିରେ ବନମାଳୀ ପରିଡ଼ା, ନରେନ୍ଦ୍ର ସାହୁ, ସରୋଜିନୀ ବାରିକ, ସୁକାନ୍ତି ମାଝି, ରେବତୀ ମହାନ୍ତି, ଜୟଶ୍ରୀ ଦାସ, କବିତା ବିଶ୍ୱାଳ, ମନିତୀ ପ୍ରଧାନ, ଯଶୋକ ମଞ୍ଜରୀ ନାଥ, ନମିତା ମହାଳିକ, ଗୋମତି ବାରିକ, ସୁଶାନ୍ତ ନାଟୁଆ ପ୍ରମୁଖ ମଦ ବିରୋଧୀ ବକ୍ତବ୍ୟ ଦେଇଥିଲେ।

# ଅବସରପ୍ରାପ୍ତ, କାର୍ଯ୍ୟରତ କର୍ମଚାରୀଙ୍କ ଗଣଧାରଣା

ବାଲେଶ୍ୱର ଅଫିସ, ୨୯।୧୦

ବାଲେଶ୍ୱର ପୌର ପରିଷଦର ଅବସରପ୍ରାପ୍ତ କର୍ମଚାରୀ ଓ କାର୍ଯ୍ୟରତ କର୍ମଚାରୀଙ୍କୁ ପାତରଅନ୍ତର ନୀତି ଅଭିଯୋଗରେ ଅଫିସ୍ ସମ୍ମୁଖରେ ମଙ୍ଗଳବାର ଅପରାହ୍ନଠାରୁ ଗଣଧାରଣା ଦିଆଯାଇଛି। କର୍ମଚାରୀମାନେ ବାରମ୍ବାର ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯାଇଥିବା ଅବସରପ୍ରାପ୍ତ କର୍ମଚାରୀ ଶେକ୍ ଉସମାନ କହିଛନ୍ତି।

ରାଜ୍ୟ ସରକାରଙ୍କର ଗତ ୨୦୧୭ ଅଗଷ୍ଟ ୨ତାରିଖରେ ଚିଠି (ନଂ. ୧୭୫୮୮) ଅନୁଯାୟୀ ସମସ୍ତ ଟିକସ ଆଦାୟକାରୀଙ୍କୁ ୩ମାସ ମଧ୍ୟରେ ଦରମା ଓ ତାର ବକେୟା ପ୍ରାପ୍ୟ ପ୍ରଦାନ କରାଯିବାକୁ ନିର୍ଦ୍ଦେଶ ଥିଲା। ପାତରଅନ୍ତର ନୀତିରେ ୧୬ଜଣଙ୍କୁ ପ୍ରଦାନ କରାଯାଇ ଅନ୍ୟମାନଙ୍କୁ ପ୍ରଦାନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କ ସମସ୍ତ କାଗଜପତ୍ର ପ୍ରସ୍ତୁତ କରାଯାଇ ରାଜ୍ୟ ସରକାରଙ୍କୁ ପ୍ରେରଣ ନିମନ୍ତେ ଦାବି ହୋଇଛି। ଦରମା, ପେନସନ୍, ମହଙ୍ଗାଭତ୍ତା ଆଦି ବିଭାଗୀୟ କାର୍ଯ୍ୟରେ ସମ୍ପୃକ୍ତ କର୍ମଚାରୀ ସହଯୋଗ ନ କରି ଦୁର୍ବ୍ୟବହାର ଶୀକାର ହେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ପୌରପରିଷଦ ନିର୍ବାହୀ ଅଧିକାରୀ, ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅବଗତ କରାଇଥିଲେ ମଧ୍ୟ ଦୁର୍ଦ୍ଦିନରେ ଗତି କରୁଥିବା କର୍ମଚାରୀମାନେ ଗଣଧାରଣା ଦେଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ଏନେଇ ପୌରପରିଷଦ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଏ ସମ୍ପର୍କରେ କୌଣସି ମନ୍ତବ୍ୟ ରଖି ନ ଥିଲେ।

## ହଜିଗଲା ମାନବିକତା

# ବୃଦ୍ଧାଙ୍କୁ ରାସ୍ତାରେ ଛାଡ଼ି ଦେଲେ

ଜଳେଶ୍ୱର, ୨୯।୧୦(ଡି.ଏନ.ଏ.)

ଦିନକୁ ଦିନ ଲୋକଙ୍କ ମଧ୍ୟରେ ହଜିଯାଉଛି ମାନବିକତା। ସମାଜରେ ଅସହାୟମାନଙ୍କୁ ସାହାଯ୍ୟ କରିବା ଦୂରେ ଥାଉ ନିଜ ପରିବାରର ସଦସ୍ୟଙ୍କୁ ଅସହାୟ ଅବସ୍ଥାରେ ରାସ୍ତାକଡରେ ଛାଡିଦେବାକୁ ଲୋକେ ପଛାଉନାହାନ୍ତି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି ଜଳେଶ୍ୱର ସହରର ପୁରୁଣିଆ ବଜାର ବାସନ୍ତୀପଡ଼ିଆ ନିକଟରେ। ପଶ୍ଚିମବଙ୍ଗ ରାଜ୍ୟର କଲିକତା ଜିଲା ସିଆଲଦହ ଥାନା ନିମିଳିପୁସିଲି ଗ୍ରାମର ଆସଲିମା ନାମକ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ବୃଦ୍ଧାଙ୍କୁ କିଛିଦିନ ତଳେ ତାଙ୍କର ଭାଉଜ ଏବଂ ମାଉସୀ ଏକ ଭ୍ୟାନ୍‌ରେ ଆଣି ଏହି ସ୍ଥାନରେ ଏକ ଦୋକାନ ପିଣ୍ଡାରେ ବସିବାକୁ କହି ଛାଡି ଚାଲିଯାଇଛନ୍ତି। ବିଚରା ବୃଦ୍ଧା ସେମାନଙ୍କର ଆସିବା ବାଟକୁ ଆଜକୁ ୪ଦିନ ହେଲା ଚାହିଁ ବସିଛନ୍ତି। ସ୍ଥାନୀୟ ଲୋକମାନେ ମାନସିକ ବିକୃତ ଭାବି ପ୍ରଥମ ଦିନ ଖାଇବାକୁ ଦେଇଥିଲେ। ପରେ ବୃଦ୍ଧାଙ୍କ ନିକଟରୁ ସମସ୍ତ କଥା ଜଣାପଡ଼ିଥିଲା। ଆସଲିମା ବନାରସର ଇବ୍ରାହିମ ନାମକ ଲୋକକୁ ବିବାହ କରିଥିଲେ। ତାଙ୍କର କୌଣସି ସନ୍ତାନସନ୍ତତି ନ ଥିଲେ। ସ୍ୱାମୀ ଇବ୍ରାହିମଙ୍କ ମୃତ୍ୟୁ ପରେ ସିଆଲଦହ ଥାନା ଅଞ୍ଚଳରେ ଥିବା ତାଙ୍କ ବାପଘରେ ଭାଇଙ୍କ ସହ ରହୁଥିଲେ। ତାଙ୍କର ଗୋଟିଏ ହାତ ଭଙ୍ଗା ସହ ବୃଦ୍ଧ ହୋଇଯାଇଥିବାରୁ ତାଙ୍କର ଆତ୍ମୀୟମାନେ ତାଙ୍କୁ ଆଣି ଏଠାରେ ଛାଡ଼ି ଚାଲିଯାଇଛନ୍ତି। ଏବେ ସ୍ଥାନୀୟ ଲୋକଙ୍କଠାରୁ କେତେବେଳେ ମାଗି ଖାଉଛନ୍ତି ତ କେତେବେଳେ ଉପାସ ଶୋଇ ରହୁଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା କରାଗଲେ ସେ ତାଙ୍କ ଘରକୁ ଫେରିଯାଇପାରନ୍ତେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।



# ମରାମତି ହେଉନି ଓଭରବ୍ରିଜ୍

ବାଲେଶ୍ୱର ଅଫିସ,୨୯।୧୦

ବାଲେଶ୍ୱର ଫକୀରମୋହନ ଗୋଲେଇରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଥିବା ରାଜ୍ୟର ସର୍ବପୁରାତନ ଓ ପ୍ରଥମ ଓଭରବ୍ରିଜ୍‌ର ମରାମତି ପାଇଁ ଦୀର୍ଘଦିନ ହେଲା ସିଭିଲ୍ ସୋସାଇଟି ଆନ୍ଦୋଳନ କରିଆସୁଥିଲା। ସରକାର ପ୍ରଥମ ପର୍ଯ୍ୟାୟରେ ୪କୋଟି ୯୩ଲକ୍ଷ ୨୫ହଜାର ଟଙ୍କା ମରାମତି ପାଇଁ ମଞ୍ଜୁର କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ହର୍କୁଲାସ ଇଣ୍ଡିଆକୁ କାର୍ଯ୍ୟାଦେଶ ମିଳିଛି। ମାତ୍ର ତାହା କାର୍ଯ୍ୟକାରୀ ନ ହେବାରୁ ସିଭିଲ୍ ସୋସାଇଟି ତରଫରୁ ଗତ ସେପ୍ଟେମ୍ବର ୬ ତାରିଖରେ ସୁପରିଣ୍ଟେଣ୍ଡେଣ୍ଟ୍ ଇଞ୍ଜିନିୟରଙ୍କ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେ ପୋଲ ତଳଜାଗାକୁ ଅବରୋଧମୁକ୍ତ କରି ଅବିଳମ୍ବେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତାହା ଆଜି ସୁଦ୍ଧା ତାହା କାର୍ଯ୍ୟକାରୀ ନ ହେବାରୁ ସିଭିଲ୍ ସୋସାଇଟି ତରଫରୁ ଏକ ପ୍ରତିନିଧି ଦଳ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସର୍କିଟ୍ ହାଉସରେ ଭେଟି ଆଲୋଚନା କରିଥିଲେ। ଆଲୋଚନାରେ ମନ୍ତ୍ରୀ ସମସ୍ତ ବିଷୟ ପ୍ରତି ଗୁରୁତ୍ୱ ଦେଇ ଅବିଳମ୍ବେ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ପୋଲ ତଳକୁ ଅବରୋଧମୁକ୍ତ କରିବାକୁ ଜିଲାପାଳଙ୍କୁ ଫୋନ୍ ଯୋଗେ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଓଭରବ୍ରିଜ୍‌ର ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସଦସ୍ୟମାନଙ୍କୁ ଜଣାଇଥିଲେ। ଏହି ଆଲୋଚନାରେ ମନୋଜ ନାୟକ, ବାବୁ ଦାସ, ସନ୍ତୋଷ ସାହୁ, ନିରଞ୍ଜନ ପରିଡ଼ା, ପରମାନନ୍ଦ ପଣ୍ଡା, ରୋଜି ପଟ୍ଟନାୟକ, ଜୟନ୍ତୀ ଦତ୍ତ, ଜ୍ୟୋତ୍ସ୍ନା ସେନାପତି ଓ ସିପ୍ରା ବାଜପେୟୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲା ସିଭିଲ ସୋସାଇଟି


ସିଭିଲ୍ ସୋସାଇଟି ସଦସ୍ୟମାନେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୭ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଅକ୍ଟୋବର ୩୦/୨୦୧୯ Balasore, Wednesday, October 30/2019

## ସଂକ୍ଷେପରେ

### ପାର୍କିଂ ଫି' ଆଦାୟକୁ ନେଇ ଦାଗିରି ଘଟଣା

## ୨ ଗିରଫ, ୪ ଫେରାର୍

**ସଜନାଗଡ଼, ୨୯।୧୦(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡରେ ଥିବା ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ପାର୍କିଂ ଫି ଆଦାୟକୁ କେନ୍ଦ୍ର କରି ପର୍ଯ୍ୟଟକଙ୍କୁ ଆକ୍ରମଣ ଘଟଣାରେ ମଙ୍ଗଳବାର ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଯାଜପୁର ଜିଲା କଳସପୁର ଗ୍ରାମରୁ ବେଣୁଧର ଦ୍ୱିବେଦୀଙ୍କ ପରିବାର ଓ ବନ୍ଧୁବାନ୍ଧବ ସୋମବାର ପଞ୍ଚଲିଙ୍ଗେଶ୍ୱର ପୀଠକୁ ବୁଲିବାକୁ ଆସିଥିଲେ। ସେଠାରେ ବାଇକ୍ ପାର୍କିଂ ଫି' ଅଧିକ ଆଦାୟକୁ ନେଇ ବାଇକ୍ ଷ୍ଟାଣ୍ଡର କର୍ମଚାରୀଙ୍କ ସହ ତାଙ୍କର ବଚସା ହୋଇଥିଲା। ସ୍ଥାନୀୟ ଲୋକେ ଷ୍ଟାଣ୍ଡର କର୍ମଚାରୀଙ୍କୁ ସମର୍ଥନ କରି ପର୍ଯ୍ୟଟକମାନଙ୍କୁ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଏନେଇ ବେଣୁଧର ଦ୍ୱିବେଦୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନୀଳଗିରି ଥାନାରେ ମାମଲା (ନଂ. ୨୭୦/୧୯) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ମଙ୍ଗଳବାର ଈଶ୍ୱରପୁର ଫାଣ୍ଡି ଗୋପ ଗ୍ରାମର କମଳାକାନ୍ତ ପରିଡ଼ା (୭୧) ଓ ବାଉଁଶବଣିଆ ଗ୍ରାମର ନିରଞ୍ଜନ ବେହେରା (୪୨)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ଜଣ ଅଭିଯୁକ୍ତ ଫେରାର ରହିଥିବା ନୀଳଗିରି ଥାନା ଆଇଆଇସି ନଳିତା ମୋଥି ପ୍ରକାଶ କରିଛନ୍ତି।

### ମଧ୍ୟାହ୍ନ ଭୋଜନରେ ଝିଟିପିଟି

## ପ୍ରଧାନଶିକ୍ଷକ ନିଲମ୍ବିତ

**ଭଦ୍ରକ ଅଫିସ,୨୯।୧୦:** ମଧ୍ୟାହ୍ନ ଭୋଜନରୁ ଝିଟିପିଟି ଲାଙ୍ଗୁଡ ବାହାରିବା ଏବଂ ଏହି ଖାଦ୍ୟ ଖାଇ ୫୪ ଛାତ୍ରୀଛାତ୍ର ଅସୁସ୍ଥ ହେବା ଘଟଣାରେ ଭଦ୍ରକ ବ୍ଲକ କେଦାରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ପଣ୍ଡାଙ୍କୁ ମଙ୍ଗଳବାର ନିଲମ୍ବିତ କରାଯାଇଛି। ଗତ ଶନିବାର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ବେଳେ ସେଥିରେ ଝିଟିପିଟି ପଡିଥିବା ଜଣାପଡିଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ସୋମବାର ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟ ଭିତ୍ତିରେ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ଯୁବତୀଙ୍କ ଗାଧୋଇବା ବେଳର ଫଟୋ ଉଠାଇବା ମହଙ୍ଗା ପଡିଲା

## ଯୁବକଙ୍କୁ ନିସ୍ତୁକ ପିଟିଲେ ଲୋକେ

**ବସ୍ତା, ୨୯।୧୦(ସ୍ୱ.ପ୍ର.):** ବସ୍ତା ବ୍ଲକ ରଘୁନାଥପୁର ପଞ୍ଚାୟତ ଅଞ୍ଚଳର ଜଣେ ଯୁବତୀ ସୋମବାର ଗାଧୋଉଥିବା ବେଳେ ଜଣେ ଯୁବକ ଗୋପନରେ ତାଙ୍କ ଫଟୋ ଉଠାଇବା ସହ ଭିଡ଼ିଓ କରୁଥିବା ବେଳେ ଧରାପଡି ମାଡ ଖାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସିଂଲା ଥାନା ଅଞ୍ଚଳର ଉକ୍ତ ଯୁବକଙ୍କୁ ଲୋକେ ପୋଲିସ୍‌କୁ ହସ୍ତାନ୍ତର କରିଛନ୍ତି। ଯୁବତୀଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୭୮/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ଋଣ ନ ମିଳିବାରୁ ମହିଳାଙ୍କ ବିକ୍ଷୋଭ

**ଭଣ୍ଡାରିପୋଖରୀ, ୨୯।୧୦(ଡି.ଏନ୍.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ଼ ବଜାରଠାରେ ଥିବା ଏକ ବ୍ୟାଙ୍କ ଶାଖାରେ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର ସଦସ୍ୟାମାନେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରି ଦୁଇଘଣ୍ଟା ବ୍ୟାଙ୍କ କାର୍ଯ୍ୟାଳୟକୁ ଅଚଳ କରି ଦେଇଥିଲେ। ସ୍ୱୟଂ ସହାୟିକା ମହିଳାମାନଙ୍କୁ ବ୍ୟାଙ୍କ ଋଣ ଦେବ କହି ଆଜିପର୍ଯ୍ୟନ୍ତ ଦେଉ ନ ଥିବାରୁ ସେମାନେ ଏଭଳି ପଦକ୍ଷେପ ନେଇଥିଲେ। ବ୍ୟାଙ୍କ ଶାଖା ପରିଚାଳକଙ୍କୁ ପଚାରିବାରୁ ଫିଲ୍ଡ ଅଫିସର ନ ଥିବାରୁ ଋଣ ଦେବାରେ ବିଳମ୍ବ ହେଉଥିବା କହି ଶୀଘ୍ର ଋଣ ଦେବା ବ୍ୟବସ୍ଥା ହେବ ବୋଲି କହିବାରୁ ମହିଳା ମାନେ ଶାନ୍ତ ପଡ଼ି ଘରକୁ ଯାଇଥିଲେ।

# ନକଲି ବିଦେଶୀ ମଦ କାରଖାନା ଠାବ

- ଲକ୍ଷାଧିକ ଟଙ୍କାର ନକଲି ମଦ ଓ ସରଞ୍ଜାମ ଜବତ
- ଜଣେ ମହିଳା ଗିରଫ

**ଭଦ୍ରକ ଅଫିସ/ତିହିଡ଼ି,୨୯।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ସିନ୍ଦୋଳ ଗ୍ରାମରେ ସୋମବାର ଅବକାରୀ ବିଭାଗ ପକ୍ଷରୁ ଏକ ନକଲି ବିଦେଶୀ ମଦ କାରଖାନା ଠାବ କରାଯାଇଛି। ଚଢାଉ ବେଳେ କାରଖାନାରୁ ଲକ୍ଷାଧିକ ଟଙ୍କାର ନକଲି ମଦ, ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ, ମଦ ତିଆରି ସରଞ୍ଜାମ, ଖାଲି କାଚ, ରଙ୍ଗ, ସ୍ପିରିଟ୍ ଆଦି ଜବତ ହୋଇଛି।



ଅବକାରୀ ବିଭାଗ ପକ୍ଷରୁ ଗିରଫ ହୋଇଥିବା ମହିଳା ଓ ଜବତ ନକଲି ମଦ।

ଏହି ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଏ ନେଇ ଏକ ମକଦ୍ଦମା (ନଂ. ୭୪/୧୯) ରୁଜୁ କରାଯାଇଛି।

ଗିରଫ ମହିଳାଙ୍କ ନାଁ ଗୀତାଞ୍ଜଳି ଦାସ। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି କାରଖାନା ଘର ବାଡ଼ିପଟେ ୨ ମାସ ହେବ ଚାଲିଥିଲା ବୋଲି ଅବକାରୀ ଇନ୍ସପେକ୍ଟର ଧନେଶ୍ୱର ବରାଡ଼ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚଢାଉରେ ବରାଡ଼ଙ୍କ ସମେତ ଭଦ୍ରକ ସଦର ଅବକାରୀ ଅଧିକାରୀ ସଞ୍ଜୟ କୁମାର ପଣ୍ଡା, ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ସ୍ପନ୍ଦନ କୁମାର ମହାନ୍ତି ଙ୍କ ସମେତ ତାଙ୍କ ଟିମ୍ ସାମିଲ ଥିଲେ। ଏହି ନକଲି ମଦକାରଖାନା ନେଇ ଅବକାରୀ ବିଭାଗ ବିଶେଷ ସୂତ୍ରରୁ ଖବର ପାଇଥିଲା। ତଦନୁଯାୟୀ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କାରଖାନା ଉପରେ ଚଢ଼ାଉ କରାଯାଇଥିବା ଜଣାପଡିଛି।




ସମ୍ଭବ କାର୍ଯ୍ୟକ୍ରମରେ ଉପସ୍ଥିତ ଭଦ୍ରକ ଜିଲାପାଳ ଓ ଅନ୍ୟମାନେ।

### ଜିଲା ଶିକ୍ଷା ବିଭାଗ ପକ୍ଷରୁ 'ସମ୍ଭବ' କାର୍ଯ୍ୟକ୍ରମ

## ପରୀକ୍ଷା ଫଳ ଭଲ ହେଲେ ମିଳିବ ପୁରସ୍କାର

**ଭଦ୍ରକ ଅଫିସ,୨୯।୧୦**

ମଙ୍ଗଳବାର ଟାଉନ ହଲ ପରିସରରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ 'ସମ୍ଭବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ବ୍ଲକ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀ ଏଥିରେ ଯୋଗ ଦେଇଥିଲେ। ସମସ୍ତ ହାଇସ୍କୁଲରେ ଅଧ୍ୟୟନରତ ମାଟ୍ରିକ ଛାତ୍ରୀଛାତ୍ରଙ୍କ ଯେଭଳି ପରୀକ୍ଷା ଫଳ ଭଲ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଠ ପଢାର ଗୁଣାବତ୍ତା ଏବଂ ଲେଶନ ପ୍ଲାନ ପ୍ରସ୍ତୁତ କରି ଶିକ୍ଷାଦାନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେଉଁ ସ୍କୁଲରେ ଫେଲ୍ ସଂଖ୍ୟା ଶୂନ ରହିବ ସେହି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସର୍ବାଧିକ ଫେଲ୍ ହୋଇଥିବା ସ୍କୁଲ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହାବାଦ ପ୍ରତିଦିନ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସିଆର୍‌ସିସି ଅନ୍ୟୂନ ପକ୍ଷେ ଗୋଟିଏ ସ୍କୁଲ ଅଚାନକ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ଯାଞ୍ଚ କରି ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ହ୍ୱାଟସ୍‌ଅପ୍ ଗ୍ରୁପରେ ପୋଷ୍ଟ କରିବେ ବୋଲି ଜିଲାପାଳ କହିଥିଲେ। ସେହିପରି କମ୍ ମାର୍କ ରଖୁଥିବା ପିଲାଙ୍କୁ ଚିହ୍ନଟ କରି ସ୍ୱତନ୍ତ୍ର କ୍ଲାସ ମାଧ୍ୟମରେ ପାଠ ପଢାଇବାକୁ ସେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢୀ, ଉପଜିଲାପାଳ ପୀତାମ୍ବର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ସୁପରଭାଇଜର୍ ସରୋଜ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।

## ବିପର୍ଯ୍ୟୟ ପ୍ରଶମନ ସଚେତନତା ଶୋଭାଯାତ୍ରା

**ଭଦ୍ରକ ଅଫିସ, ୨୯।୧୦**

ଭଦ୍ରକ ଜିଲା ପ୍ରଶାସନ ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମଙ୍ଗଳବାର ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଜିଲାପାଳ ଜ୍ଞାନରଞ୍ଜନ ଦାସ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲା ସଂସ୍କୃତି ଭବନ ପରିସରରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ସଭା କରାଯାଇଥିଲା। ବିପର୍ଯ୍ୟୟ ପୂର୍ବରୁ ଛାତ୍ରୀଛାତ୍ରମାନେ କିଭଳି ସଚେତନ ରହି ଅନ୍ୟକୁ ସୁରକ୍ଷିତ ସ୍ଥାନକୁ ନେବେ ସେ ନେଇ ସଚେତନ କରାଯାଇଥିଲା।



ନିମାଇଁ ଚରଣ ମହାନ୍ତି ଓ ପ୍ରଶାନ୍ତ କୁମାର ପ୍ରଧାନଙ୍କ ପୋଡ଼ିଯାଇଥିବା ଘର।

## ଘରପୋଡ଼ି: ୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି

**ଭୋଗରାଇ, ୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଦୁଇଟି ଗ୍ରାମରେ ପୃଥକ୍ ଭାବେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୨ଜଣଙ୍କ ନଡ଼ାଛପର ଘର ପୋଡିଯାଇଛି। ଚୌକି ଗ୍ରାମର ନିମାଇଁ ଚରଣ ମହାନ୍ତିଙ୍କ ନଡ଼ାଛପର ଘରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଧାନ, ଚାଉଳ, ଲୁଗାପଟା, ସୁନାଗହଣା ଓ ନଗଦ ଟଙ୍କା, ଟେଣ୍ଟହାଉସ୍ ପୋଡ଼ି ଛାରଖାର ହୋଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ସେହିପରି ଦେହୁର୍ଦ୍ଧା ପଞ୍ଚାୟତ ବନାବସାଣ-ତେଘରା ଗ୍ରାମର ପ୍ରଶାନ୍ତ ପ୍ରଧାନଙ୍କ ନଡ଼ାଛପର ଘର ବିଦ୍ୟୁତ୍ ଶର୍ଟସର୍କିଟରେ ପୋଡ଼ିଯାଇଥିବା କୁହାଯାଉଛି। ପ୍ରଶାନ୍ତ ସ୍ତ୍ରୀ ଓ ପିଲାଛୁଆ ସହ ଘରେ ଶୋଇଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ପ୍ରଶାନ୍ତ ନିଦରୁ ଉଠି ପିଲାଙ୍କୁ ଘରୁ ବାହାର କରିନେଇ ପଡ଼ୋଶୀଙ୍କୁ ଡାକିଥିଲେ। ପଡ଼ୋଶୀ ତତ୍କ୍ଷଣାତ୍ ଘର ଉପରେ ପାଣି ଢ଼ାଳିବାରେ ବ୍ୟବସ୍ଥା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରିପାରି ନ ଥିଲେ। ଦମକଳ ବାହିନୀକୁ ଖବର ଦେବା ବେଳକୁ ଘରପୋଡ଼ି ଛାରଖାର ହୋଇଯାଇଥିଲା। ଅନୁରୂପ ଭାବେ ଏହି ଗରିବ ବ୍ୟକ୍ତିଙ୍କର ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଧାନ ଚାଉଳ, ବସ୍ତ୍ର ଆଦି ପୋଡ଼ିଯାଇଥିବାରୁ ପ୍ରଶାନ୍ତ ଏବେ ବାସହରା ହୋଇ ପର ଘରେ ଆଶ୍ରୟ ନେଇଛନ୍ତି। ଦୁଇ ସର୍କଲର ରାଜସ୍ୱ ନିରୀକ୍ଷକ ପହଞ୍ଚି ତଦନ୍ତ କରିଛନ୍ତି।

### ଯୌତୁକ ଜନିତ ବଧୂହତ୍ୟା ମାମଲା

## ସ୍ୱାମୀଙ୍କୁ ୨ ବର୍ଷ ଜେଲ

ଭଦ୍ରକ ଅଫିସ,୨୯।୧୦- ଭଦ୍ରକ ସ୍ପେଶାଲ ଟ୍ରାକ୍ ଜଜ୍ ଜନକ ରାଉତ ମଙ୍ଗଳବାର ଏକ ଯୌତୁକ ଜନିତ ବଧୂହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ୨ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ମକଦ୍ଦମା ବିବରଣୀ ଅନୁଯାୟୀ ୩୦ ବର୍ଷ ପୂର୍ବେ ତିହିଡ଼ି ଥାନା ଅନ୍ତର୍ଗତ ଗୋଳାପୋଖରୀ ଗାଁର ବିଜୟ କୁମାର ସାହୁ ମାଳତୀ ସାହୁଙ୍କୁ ବିବାହ କରିଥିଲେ। ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ସନ୍ଦେହକୁ ନେଇ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବିବାଦ ଲାଗିଥିଲା। ଫଳରେ ମାଳତୀ ଶାଶୁଘର ଛାଡି ବାପଘରେ ରହୁଥିଲେ। ତା୫।୨।୨୦୧୮ରେ ଏକ ଶୁଦ୍ଧିକ୍ରିୟାରେ ଯୋଗ ଦେବା ପାଇଁ ବିଜୟ ଆସି ମାଳତୀଙ୍କୁ ଡାକି ନେଇଥିଲେ। ଏହା ପରଦିନ ଉଭୟଙ୍କ ମଧ୍ୟରେ କଳହ ହୋଇଥିଲା। ମାଳତୀ ମଧ୍ୟରାତ୍ରିରୁ ଘରଛାଡ଼ି କେଉଁଆଡ଼େ ଚାଲି ଯାଇଥିବା କୁହାଯାଇଥିଲା। ସକାଳୁ ମାଳତୀଙ୍କ ମୃତଦେହ ନିକଟସ୍ଥ ରେଳଲାଇନ ପାଖରେ ପଡ଼ିଥିବା ଦେଖିବାକୁ ମିଳିବା ପରେ ତାଙ୍କ ଭାଇ ନାରାୟଣ ନାୟକ ଅଧିକ ଯୌତୁକ ପାଇଁ ନିର୍ଯାତନା ଦେଇ ତାଙ୍କ ଭଉଣୀଙ୍କୁ ହତ୍ୟା କରି ଆତ୍ମହତ୍ୟା ରୂପ ଦିଆଯାଇଥିବା ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ଏନେଇ ତିହିଡ଼ି ଥାନା ପୋଲିସ ଏକ ମାମଲା(ନଂ. ୨୭/୨୦୧୮) ରୁଜୁ କରିଥିଲା। ପୋଲିସ ଅଭିଯୁକ୍ତ ବିଜୟଙ୍କୁ ଗିରଫ କରି ୩୦୬ ଦଫାରେ ତାଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ୧୧ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଦଫା ୪୯୮(କ) ଅନୁଯାୟୀ ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ସରକାରଙ୍କ ପକ୍ଷରୁ ବସନ୍ତ କୁମାର ସ୍ୱାଇଁ ମକଦ୍ଦମା ପରିଚାଳନା କରିଥିଲେ।

# ୩ଜଣଙ୍କ ସଲିଳ ସମାଧି

**ରୂପ୍‌ସା/ସଜନାଗଡ଼/ବାହାନଗା, ୨୯।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ମଙ୍ଗଳବାର ପୋଖରୀରେ ବୁଡି ୩ଜଣଙ୍କ ସଲିଳ ସମାଧି ଘଟିଛି। ମୃତକମାନେ ହେଲେ ରୂପ୍‌ସା ଥାନା ପୋଡ଼ାଡ଼ିହା ଗ୍ରାମର ଗୋପାଳ ଚନ୍ଦ୍ର ମାଝି (୪୫), ଔପଦା ବ୍ଲକ ଈଶ୍ୱରପୁର ପଞ୍ଚାୟତ ମର୍ଦ୍ଦରାଜପୁର ଗ୍ରାମର ବୈକୁଣ୍ଠ ରାଉତ (୮୦) ଓ ରେମୁଣା ବ୍ଲକ ବୋଇତା ଗ୍ରାମର ଦୟାନିଧି ବେହେରାଙ୍କ ଦିବ୍ୟାଙ୍ଗ ପୁଅ ଗୌତମ(୭)।

ପୋଡ଼ାଡ଼ିହା ଗ୍ରାମର ଗୋପାଳ ଚନ୍ଦ୍ର ଅସାବଧାନତାବଶତଃ ଗାଁ ପୋଖରୀରେ ବୁଡ଼ିଯାଇଥିଲେ। ଗ୍ରାମବାସୀ ଦୀର୍ଘସମୟ ଧରି ଖୋଜାଖୋଜି କରି ତାଙ୍କୁ ପୋଖରୀ ଭିତରୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ନୀଳଗିରି ଥାନା ଔପଦା ବ୍ଲକ ମର୍ଦ୍ଦରାଜପୁର ଗ୍ରାମର ବୈକୁଣ୍ଠ ସୋମବାର ଅପରାହ୍ନରେ ଶୌଚ ହେବା ପାଇଁ ଘର ସମ୍ମୁଖ ପୋଖରୀକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିଲେ। ପରେ ଜଣେ ପଡ଼ୋଶୀ ଗାଧୋଇବାକୁ ଯାଇଥିବା ବେଳେ ବୃଦ୍ଧ ଜଣକ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ତାଙ୍କୁ ପୋଖରୀରୁ ଉଦ୍ଧାର କରାଯାଇ ନୀଳଗିରି ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ମେଡ଼ିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ରେମୁଣା ବ୍ଲକ ବୋଇତା ଗ୍ରାମର ଦିବ୍ୟାଙ୍ଗ ଗୌତମ ଘର ଅଗଣାରେ ଖେଳୁଥିବା ବେଳେ ନିକଟରେ ଥିବା ଏକ ପୋଖରୀରେ ବୁଡିଯାଇଥିଲେ। ଘର ଲୋକେ ପରେ ଖୋଜାଖୋଜି କରି ପାଣି ଭିତରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରିବାର ଲୋକେ ପ୍ରଥମେ ତାଙ୍କୁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତରଙ୍କ ପରାମର୍ଶ ପରେ ଗୌତମଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଘ ଗୁଜବ: ନିରାଶରେ ଫେରିଲେ ବନ କର୍ମଚାରୀ

**ତିହିଡ଼ି,୨୯।୧୦(ଡି.ଏନ୍.ଏ.)**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ସୟା ପଞ୍ଚାୟତ ଅଧୀନ ମଥୁରାପୁର ଗ୍ରାମ ନିକଟସ୍ଥ କେନାଲ ଆଡ଼ିରେ ମଙ୍ଗଳବାର ସକାଳେ ଏକ ବାଘ ବୁଲୁଥିବା ଖବର ପ୍ରଚାରିତ ହୋଇଥିଲା। ଏଥିନେଇ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ଖବର ପାଇ ପୋଲିସ ଏବଂ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ଏହା ଗୁଜବ ବୋଲି ଜାଣିବାକୁ ପାଇ ନିରାଶ ହୋଇ ଫେରିଥିଲେ।



ମଥୁରାପୁରରେ ବନ ବିଭାଗ କର୍ମଚାରୀ।

ସ୍ଥାନୀୟ ଗ୍ରାମବାସୀଙ୍କ ସୂତ୍ରରୁ ଜଣାଯାଇଛି ଯେ, ମଙ୍ଗଳବାର ସକାଳେ ଜଣେ ବ୍ୟକ୍ତି ବିଲକୁ ଯାଇଥିବା ବେଳେ କେନାଲ ଆଡ଼ିରେ ବାଘ ସଦୃଶ ଏକ ପ୍ରାଣୀ ଦେଖିବାକୁ ପାଇଥିଲେ। ସେ ଭୟଭୀତ ହୋଇ ଗାଁକୁ ଫେରିଆସି ବାଘ ବୁଲୁଥିବା କହିଥିଲେ। ପରେ ଗ୍ରାମବାସୀ ବନ ବିଭାଗ କର୍ମଚାରୀଙ୍କୁ ଏ ସମ୍ପର୍କରେ ଖବର ଦେଇଥିଲେ। ତିହିଡ଼ି ପୋଲିସ ଓ ବନ ବିଭାଗ କର୍ମଚାରୀ ମଥୁରାପୁର ଗ୍ରାମରେ ପହଞ୍ଚି କେନାଲ ନିକଟ ଘଞ୍ଚ ବୁଦାରେ ଖୋଜାଖୋଜି କରିଥିଲେ। ସେମାନେ ସେଠାରେ କୌଣସି ଏକ ପ୍ରାଣୀର ପାଦ ଚିହ୍ନ ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ଏହି ପାଦଚିହ୍ନ ଦେଖି ଏହା ଫିସିଙ୍ଗ୍ କ୍ୟାଟ୍ ବୋଲି କହିଥିବା ସୂଚନା ମିଳିଛି।

# ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଜବତ

**ଭଦ୍ରକ ଅଫିସ, ୨୯।୧୦**

ଅତ୍ୟନ୍ତ ଅମାନବୀୟ ଭାବେ ୩୫ ଟି ଗୋରୁଙ୍କୁ ଦୁଇଟି ପିକ୍‌ଅପ ଭ୍ୟାନରେ ବୋଝେଇ କରି ସୋମବାର ବିଳମ୍ବିତ ରାତିରେ ଚାଲାଣ କରାଯାଉଥିବାବେଳେ ସ୍ଥାନୀୟ ଯୁବକମାନେ ଚଢ଼ାଉ କରି ଭଦ୍ରକ ପୌରାଞ୍ଚଳ ଅଧୀନ ମୋଟେଲ ଛକରେ ଏହାକୁ ଅଟକାଇଥିଲେ। ଏନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଟାଉନଥାନା ପୋଲିସ ପହଞ୍ଚି ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲା। ସେଠାରୁ ଗୋଟିଏ ଗାଡ଼ି ଚତୁରତାର ସହ ଖସି ଯାଇଥିବା ବେଳେ ଅନ୍ୟ ଏକ ଗାଡ଼ିକୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।



ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁଙ୍କୁ ବନ୍ଧି ରଖାଯାଇଛି।

ଗାଡିର କ୍ଷମତାଠାରୁ ଅଧିକ ସଂଖ୍ୟାରେ ଗୋରୁ ଏହି ଦୁଇ ପିକ୍‌ଅପ ଭ୍ୟାନରେ ବୋଝେଇ କରାଯାଇଥିବା ଦେଖିବାକୁ ମିଳିଥିଲା। ଗୋରୁଗୁଡ଼ିର ଗୋଡ଼ ଓ ମୁହଁକୁ ବାନ୍ଧି ରଖାଯାଇଥିଲା। ଏହି ଗାଡ଼ି ଦୁଇଟି ପାଣିକୋଇଲିରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା ବୋଲି ସୂଚନା ମିଳିଛି। କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ଲୋକେ ଗୋରୁ ବୋଝେଇ ପିକଅପ୍ ଭ୍ୟାନକୁ ଅଟକ ରଖି ପରେ ପୋଲିସ ଜିମା ଦେଇଥିଲେ। ଏହି ଗାଡିରୁ ସମସ୍ତ ଗୋରୁଙ୍କୁ ପୋଲିସ ଉଦ୍ଧାର କରିଥିଲା। ଉଲ୍ଲେଖନୀୟ ଯେ, ଖୋର୍ଦ୍ଧାରୁ କଲିକତା ବେଆଇନ ଗୋଚାଲାଣ ହେଉଥିବା ବେଳେ ଭଦ୍ରକ ଏଡାର କରିଡର୍ ପାଲଟିଛି। ପୋଲିସକୁ ହାତ କରି ବେପାରୀମାନେ ନିୟମିତ ଗୋ ଚାଲାଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

